# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18th October - 2024**

**News Editor : *Tapan Kumar Maharana***

*******************************************

***BBSR/R***

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୧ ଓ ୨୮ ତାରିଖରେ ଭୁବନେଶ୍ୱରସ୍ଥିତି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଶୁଣାଣି ପାଇଁ ଆଜି ପୂର୍ବାହ୍ନ ୧୧ଟାରେ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ । ଏହି ଦୁଇଟି ଅଭିଯୋଗ ଶୁଣାଣି ପାଇଁ ସର୍ବାଧିକ ଏକ ହଜାର ଅଭିଯୋଗକାରୀ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ । ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ୍ ଅଥବା ଜନଶୁଣାଣି ମୋବାଇଲ୍ ଆପ୍ ଜରିଆରେ ପଞ୍ଜୀକରଣ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***BBSR/R***

## ଜାତୀୟ ଶିକ୍ଷାନୀତି

ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବାପାଇଁ ଟାସ୍କ ଫୋର୍ସର ପୁନର୍ଗଠନ କରାଯାଇଛି । ଏଥିସହ ୬ଟି ସିମେଟିକ୍ ସବ୍-କମିଟିର

ମଧ୍ୟ ଗଠନ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ଉନ୍ନୟନ କମିଶନର୍ ଅନୁ ଗର୍ଗ ଏହି କମିଟିର ଅଧ୍ୟକ୍ଷ ରହିଥିବାବେଳେ ଏକ୍ସ-ଅଫିସିଓ ସଦସ୍ୟ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ସହ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଅର୍ଥ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ସଚିବ ମଧ୍ୟ ସ୍ଥାନ ପାଇଛନ୍ତି ।

***Desk/Bhadrak/R***

## ଶ୍ରୀକ୍ଷେତ୍ର - ହବିଷ୍ୟାଳୀ

ରାଜ୍ୟରେ ଆଜିଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେଉଛି । ଏହି ଅବସରରେ ସରକାରଙ୍କ ପକ୍ଷରୁ ହବିଷ୍ୟାଳୀ ଯୋଜନାରେ ଅଢ଼େଇ ହଜାର ବ୍ରତଧାରୀଙ୍କ ପାଇଁ ୪ଟି ଆଶ୍ରୟ ସ୍ଥଳୀ ହବିଷ୍ୟାଳୀ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଅନ୍‌ଲାଇନ୍‌ରେ ଆବେଦନ କରିଥିବା ୩ ହଜାର ୬୫୦ ଜଣ ଆବେଦନକାରୀଙ୍କ ମଧ୍ୟରେ ୨ ହଜାର ୫୧୪ ଜଣଙ୍କୁ ଏହି ୪ଟି କେନ୍ଦ୍ରରେ ରଖାଯାଇଛି । ପୁରୀ ଶ୍ରୀକ୍ଷେତ୍ର ସ୍ଥିତ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେସନ୍, ବଗଲା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ହବିଷ୍ୟାଳୀମାନଙ୍କ ରହିବା ବ୍ୟବସ୍ଥା କରାଯାଇଛି । ସେମାନଙ୍କ ରହଣିଠାରୁ ଆରମ୍ଭ କରି ଶ୍ରୀଜୀଉଙ୍କୁ ଦର୍ଶନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଭଦ୍ରକ ଜିଲ୍ଲା ଆରଡ଼ିସ୍ଥିତ ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠାରେ ଆଜିଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି । ଆଜି ଭୋର୍ ୪ଟାରେ ଦ୍ୱାର ଖୋଲାଯାଇ ବାବା ମଣିଙ୍କଠାରେ ମଙ୍ଗଳ ଆଳତି, ଘର୍ଷଣ ଲାଗି ହେବା ସହ ଷୋଡ଼ଶ ଉପଚାର ପୂଜା, ଦିଗମ୍ବର ଯୋଗୀ ଏବଂ ବଡ଼ସିଂହାର ବେଶ ଅନୁଷ୍ଠିତ ହେଉଛି ।

***BBSR/R***

# ଓ.ଏସ୍.ଏସ୍.ସି. ପରୀକ୍ଷା

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ - ଓ.ଏସ୍.ଏସ୍.ସି. ଦ୍ୱାରା କମ୍ପ୍ୟୁଟର ଆଧାରିତ ନିଯୁକ୍ତି ପରୀକ୍ଷା-୨୦୨୪ ଅନିୟମିତତା ପ୍ରସଙ୍ଗକୁ ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ସ୍ପଷ୍ଟୀକରଣ ରଖିଛି । ରାଜ୍ୟ ସରକାର ଏ ପ୍ରସଙ୍ଗକୁ ଅତି ଗୁରୁତର ସହ ବିଚାରକୁ ନେଇଛନ୍ତି । ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଏକ ନିରପେକ୍ଷ ଓ ସ୍ୱଚ୍ଛ ନିଯୁକ୍ତି ପରୀକ୍ଷା କରିବାପାଇଁ ପ୍ରତିବଦ୍ଧ ବୋଲି ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ।  ପରୀକ୍ଷା ପରିଚାଳନାର ସମସ୍ତ ଦିଗ ତଥା ପ୍ରାସଙ୍ଗିକ ପରିସଂଖ୍ୟାନକୁ ତର୍ଜମା କରାଯାଇ ସରକାରଙ୍କ ପକ୍ଷରୁ ସମୁଚିତ ନିଷ୍ପତ୍ତି ନିଆଯିବା ପାଇଁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ଏନ୍.ଟି.ଏ. - ପରୀକ୍ଷା ଫଳ

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ଦ୍ୱାରା ପରିଚାଳିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁ.ଜି.ସି. ନେଟ୍ ଜୁନ୍ ୨୦୨୪ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷା ଫଳ ଏନ୍.ଟି.ଏ. ୱେବ୍‌ସାଇଟ୍ ugcnet.nta.ac.inରେ ଉପଲବ୍ଧ ହେଉଛି । ମୋଟ ୬ ଲକ୍ଷ ୮୪ ହଜହାର ୨୨୪ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ । ଏଥିମଧ୍ୟରୁ ଜୁନିୟର୍ ରିସର୍ଚ୍ଚ ଫେଲୋ - ଜେ.ଆର.ଏଫ୍. ପାଇଁ ୪ ହଜାର ୯୭୦ ଜଣ ମନୋନୀତ ହୋଇଥିବାବେଳେ ୫୩ ହଜାର ୬୯୪ ଜଣ ସହାୟକ ପ୍ରଫେସର ଏବଂ ୧ ଲକ୍ଷ ୧୨ ହଜାର ୭୦ ଜଣ ପିଏଚ୍.ଡି. କରିବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

*Kandhamal/R*

# ଡି.ଜି.ପି. - କନ୍ଧମାଳ ଗସ୍ତ

ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଦୁଇଦିନିଆ କନ୍ଧମାଳ ଗସ୍ତରେ ଯାଇ ମାଓ ସମସ୍ୟା ଓ ଗଞ୍ଜେଇ ଚାଷକୁ କିଭଳି ରୋକାଯାଇପାରିବ, ସେ ବିଷୟରେ ସମୀକ୍ଷା କରିଛନ୍ତି । ଫୁଲବାଣୀରେ ପହଞ୍ଚି ଶ୍ରୀ ଖୁରାନିଆ ଜିଲ୍ଲାର ମାଓପ୍ରବଣ ଅଞ୍ଚଳ ଓ କ୍ୟାମ୍ପ୍ ଗସ୍ତ କରି ସି.ଆର୍.ପି.ଏଫ୍. ଓ ବି.ଏସ୍.ଏଫ୍. ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ମାଓ ମୁକାବିଲାରେ

ଓଡ଼ିଶା ପୁଲିସ୍ ବିଶେଷ ସଫଳତା ପାଇବ ବୋଲି ଶ୍ରୀ ଖୁରାନିଆ କହିବା ସହ ଗଞ୍ଜେଇ ଚାଷ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ତାଙ୍କ ସହ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ ଦେଇଛନ୍ତି ।

***Desk***

# ରଣଜୀ ଟ୍ରଫି

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜି ଜମ୍ମୁ-କାଶ୍ମୀର ବିପକ୍ଷରେ ଘରୋଇ ଓଡ଼ିଶା ଦଳ ରଣଜୀ ଟ୍ରଫି ଏଲ୍.ଇ.ଟି. ଗ୍ରୁପ୍-ଏ'ର ଦ୍ୱିତୀୟ ମ୍ୟାଚ୍ ଖେଳିବ । ଅଧିନାୟକ ଗୋବିନ୍ଦ ପୋଦାରଙ୍କ ନେତୃତ୍ୱରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ।

***Desk***

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗରରେ ଆସନ୍ତା ରବିବାର ଦିନ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ୨୨ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଅଧିକ ଘନୀଭୂତ ହୋଇ ୨୪

ତାରିଖ ସୁଦ୍ଧା ଅବପାତର ରୂପ ନେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୩ ତାରିଖରୁ ବର୍ଷା ଆରମ୍ଭ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟର ଉପକୂଳ ସମେତ ଅଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ବର୍ଷା ସମ୍ଭାବନା ରହିଥିବା ନେଇ ଆକଳନ କରାଯାଇଛି ।

*****